କାଙ୍କଡ ମଧ୍ୟ କାଣ୍ଟୋଲା ନାମରେ ମଧ୍ୟ ଜଣାଶୁଣା । ଏହାର ବଜାର ଦର ଅନ୍ୟ ପନିପରିବା ଠାରୁ ବହୁତ ଅଧିକ ଥାଏ । କାଙ୍କଡକୁ ତରକାରୀ, ଭଜା ଓ ଫ୍ରାଇ ଆକାରରେ ବ୍ୟବହାର କରାଯାଇଥାଏ। ଏଥିରେ ବିଟା-କ୍ୟାରୋଟିନ୍, ଭିଟାମିନ୍ ସି, ଫୋଲିକ୍ ଏସିଡ୍, ମ୍ୟାଗ୍ନେସିୟମ୍, ଫସ୍‌ଫରସ୍ ଏବଂ ପୋଟାସିୟମ୍ ପରି ପୁଷ୍ଟିକର ତତ୍ତ୍ୱ ଭରପୂର ଥାଏ । ଏଥିରେ ମଧ୍ୟ ଫାଇବର୍ ଅଧିକ ମାତ୍ରାରେ ଥାଏ, ଯାହା ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ । ଏହା ପାଚନ ପ୍ରକ୍ରିୟା ଓ ରକ୍ତ ଶର୍କରା ସ୍ତରକୁ କମ୍ କରିବାରେ ସାହାଯ୍ୟ କରେ ।

## ଜଳବାୟୁ

କାଙ୍କଡ ଉଷ୍ମ ଏବଂ ଆର୍ଦ୍ର ଜଳବାୟୁରେ ଭଲ ବଢ଼ିଥାଏ । ଗଛ, ପତ୍ର ଓ ଡାଳର ବୃଦ୍ଧି ପାଇଁ ଏହା ଅପେକ୍ଷାକୃତ ଗରମ ଜଳବାୟୁ ଦରକାର କରେ । ଶୀତ ଦିନରେ ଏହା ସୁପ୍ତ ଅବସ୍ଥାକୁ ଚାଲିଯାଏ।

**ଉତ୍କୃଷ୍ଟ ତାପମାତ୍ରା** -୨୭-୩୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ।

ବାର୍ଷିକ ହାରାହାରି ୬୦୦-୪୫୦୦ ମି ମି ବର୍ଷା ହେଉଥିବା ଆଞ୍ଚଳରେ ଏହା ବଢ଼ିପାରେ । ଉତ୍ତମ ବୃଦ୍ଧି ଏବଂ ଉତ୍ପାଦନ ପାଇଁ ଏହାକୁ ପର୍ଯ୍ୟାପ୍ତ ସୂର୍ଯ୍ୟ କିରଣ ଆବଶ୍ୟକ ।

ଗଛର ବୃଦ୍ଧି ସମୟରେ ବାରମ୍ବାର କୁହୁଡି ହେଲେ ଏହାର ବୃଦ୍ଧି ବାଧାପ୍ରାପ୍ତ ହୋଇଥାଏ ।

## ମୃତ୍ତିକା

ବାଲିଆ, ଦୋରସା ଓ ନିଗିଡା ମାଟି ଏହା ପାଇଁ ଉପଯୁକ୍ତ ଅଟେ । ମାଟିରେ କୌଣସି ସମୟରେ ପାଣି ଜମା ହୋଇ ରହୁ ନ ଥିବା ଦରକାର । କ୍ଷାରୀ ଓ ଅମ୍ଳ ମାଟିରେ ଏହା ଭଲ ବଢେ ନାହିଁ । କାଙ୍କଡ ପାଇଁ ମାଟିର ପି ଏଚ୍ ୬ ରୁ ୭.୫ ଭିତରେ (ନିରପେକ୍ଷ ମାଟିରୁ ସାମାନ୍ୟ ଅମ୍ଳ) ରହିବା ଉଚିତ । ସର୍ବୋତ୍ତମ ବୃଦ୍ଧି ଏବଂ ଫଳ ବିକାଶ ପାଇଁ ମାଟିର ପି ଏଚ୍ ପରୀକ୍ଷା କରିବା ଅତ୍ୟନ୍ତ ଜରୁରୀ । ପାଣି ଜମିଲେ ମୂଳ ସଢା ରୋଗ ହୁଏ । କାଙ୍କଡ ଚାଷ ପାଇଁ ଉତ୍ତମ ନିଗିଡା ଦୋରସା ମାଟିକୁ ପସନ୍ଦ କରାଯାଏ । ଚିକିଟା ମାଟି, ଚେର ବୃଦ୍ଧି ଏବଂ ପୋଷାକତତ୍ତ୍ୱ ଗ୍ରହଣରେ ବାଧା ସୃଷ୍ଟି କରେ ।

## କିସମ

### ଶାନ୍ତି

ଏହା ଦେଖିବାକୁ ଦେଶୀ କାଙ୍କଡ ଭଳି । କିନ୍ତୁ ଆକାରରେ ଦେଶୀ କାଙ୍କଡଠାରୁ ବଡ ହୋଇଥାଏ ଓ ଆସାମ କାଙ୍କଡ ଠାରୁ ଛୋଟ ହୋଇଥାଏ । ଏହାର ବଜାର ମୂଲ୍ୟ ଅଧିକ ଥାଏ । ଗଛ ପ୍ରତି ୮- ୧୦ କେଜି ଅମଳ ମିଳିଥାଏ। ଏଥିରେ ରୋଗ ପୋକ କମ୍ ପରିମାଣରେ ଦେଖା ଯାଇଥାଏ ।

### ଅର୍କ ନୀଳାଚଳ ଗୌରବ

ଏହି ଫଳ ବଡ, ଗୋଲାକାର ଏବଂ ସବୁଜ ରଙ୍ଗର ଅଟେ । ଗଛ ପ୍ରତି ପ୍ରାୟ ୧୦ କେଜି ଅମଳ ମିଳେ । ଏଥିରେ ରୋଗ ପୋକ କମ୍ ପରିମାଣରେ ଦେଖା ଯାଇଥାଏ ।

## ଜମି ପ୍ରସ୍ତୁତି

ଜମିକୁ ୨-୩ ଥର ହଳ କରି ସମତଳ କରନ୍ତୁ ।



## ହୁଡା ବା ବେଡ୍ ପ୍ରସ୍ତୁତି

୪ ଫୁଟ ବ୍ୟବଧାନରେ ୧ଫୁଟ ଉଞ୍ଚା ଓ ୨ ଫୁଟ ଚଉଡାର ଶଯ୍ୟା ବା ବେଡ୍ ତିଆରି କରନ୍ତୁ ।

**ଗାତ ଖୋଳିବା** - ଧାଡିରେ ୧ଫୁଟ X ୧ଫୁଟ X ୧ଫୁଟ ଆକାରର ଗାତ ୫ଫୁଟ ବ୍ୟବଧାନରେ ଖୋଳନ୍ତୁ ଏବଂ ଏଥିରେ ମାଟି, ବାଲି ଏବଂ ସଢା ଗୋବର ଖତ (ଗୁହାଳରୁ ବାହାରୁଥିବା ଖତ) ୨:୧:୧ ଅନୁପାତରେ ଭର୍ତି କରନ୍ତୁ । ଗାତ ପ୍ରତି ୫୦୦ ଗ୍ରାମ୍ ନିମ୍ବ ପିଡିଆ ଦେବା ଅତ୍ୟନ୍ତ ଜରୁରୀ ।

**ବ୍ୟବଧାନ: ଧାଡିକୁ ଧାଡି** - ୪- ୫ ଫୁଟ ଏବଂ ଗଛକୁ ଗଛ ମଧ୍ୟ ୪- ୫ ଫୁଟ ।

**ରୋପଣ ସାମଗ୍ରୀ:** ଚାରା ପାଇଁ କନ୍ଦ କିମ୍ବା କଟା ଡଙ୍କ ବ୍ୟବହାର କରାଯାଇଥାଏ ।

## ଖତ ଓ ସାର ପ୍ରୟୋଗ

ଶଯ୍ୟାରେ ବା ବେଡ୍‌ରେ ୫ଫୁଟ ବ୍ୟବଧାନରେ ୧ଫୁଟ X ୧ଫୁଟ X ୧ଫୁଟ ବିଶିଷ୍ଟ ଗାତ ଖୋଳି ସେଥିରେ ୧୦-୧୫ କେଜି ସଢା ଗୋବର ଖତ ଓ ୧କେଜି ଘନ ଜୀବାମୃତ ପ୍ରୟୋଗ କରାଯାଏ । ଏଥିରେ ୨୫- ୫୦ ଗ୍ରାମ୍ ମିଶ୍ରିତ ଅଣୁସାର ଦେଲେ ଭଲ ।

ଏ ସବୁ ନ ମିଳିଲେ ଗୋବର ଖତ ସହ ୧୦୦ ଗ୍ରାମ୍ ଡିଏପି ଓ ୨୦୦ ଗ୍ରାମ୍ ପଟାସ ସାର ବ୍ୟବହାର କରାଯାଇପାରେ ।

**ରୋପଣ ସମୟ:** ଚାରା ରୋପଣର ଉପଯୁକ୍ତ ସମୟ ହେଉଛି ଉଷ୍ମ ଋତୁ। ଏହା ସାଧାରଣତଃ ଅଧିକାଂଶ ଅଞ୍ଚଳରେ ମାର୍ଚ୍ଚ ଏବଂ ମଇ ମଧ୍ୟରେ ପଡ଼ିଥାଏ । କିନ୍ତୁ ଜଳସେଚନର ସୁବିଧା ଥିଲେ ଏହା ମଧ୍ୟ ଅକ୍ଟୋବର-ନଭେମ୍ବର ମାସରେ ଲଗାଯାଇପାରେ ।

**ପୁରୁଷ-ସ୍ତ୍ରୀ ଗଛର ଅନୁପାତ:** ସ୍ତ୍ରୀ ଗଛରୁ ଭଲ ଅମଳ ସୁନିଶ୍ଚିତ କରିବା ପାଇଁ ୧୦ ଟି ମାଈ ଚାରା ପ୍ରତି ୧ଟି ଅଣ୍ଡିରା ଚାରା ଲଗାଇବା ଜରୁରୀ ।

## ଜଳସେଚନ

ପ୍ରଥମ ପାଣି ମଡାଇବା: ଲଗାଇବା ପରେ ତୁରନ୍ତ ପାଣି ଦିଅନ୍ତୁ ।

ପରବର୍ତ୍ତୀ ଜଳସେଚନ : ଶୀତ ଦିନେ ୭-୧୦ ଦିନ ବ୍ୟବଧାନରେ ଓ ଖରା ଦିନେ ୪-୫ ଦିନ ବ୍ୟବଧାନରେ ଜମିର ବତର ବା ଓଲ ଦେଖି ପାଣି ମଡାନ୍ତୁ ।

ବୁନ୍ଦା ଜଳସେଚନ: ଉଚ୍ଚା ଶଯ୍ୟାରେ ଥିବା ଗଛଗୁଡ଼ିକ ପାଇଁ ବୁନ୍ଦା ଜଳସେଚନ କରିବା ଭଲ ।

## ଗଛ ଲଗାଇବା ପରବର୍ତ୍ତୀ ଖତ ସାର ପ୍ରୟୋଗ

ଗଛ ଲଗାଇବାର ୩୦ ଦିନ ପରେ ୧ ଲିଟର ଜୀବାମୃତ ଗଛ ପ୍ରତି ମାଟିରେ ପ୍ରୟୋଗ କରାଯାଏ । ଏହା ପରେ ପ୍ରତ୍ୟେକ ୨୧ ଦିନ ବ୍ୟବଧାନରେ ପୁନଃ ପୁନଃ ପ୍ରୟୋଗ କରାଯାଇପାରେ ।

ଯଦି ମାଟିରେ ଅଣୁସାର ଚାଷ ସମୟରେ ଦିଆଯାଇନଥାଏ ଓ ଅଣୁ ସାରର ଅଭାବ ଦେଖାଯାଏ, ତେବେ ୭୫-୧୦୦ ଗ୍ରାମ୍ ମଲ୍ଟିପ୍ଲେକସ୍ ବା କାଲ୍‌ବୋର୍ ୧୫ ଲିଟର ପାଣିରେ ମିଶାଇ ଗଛରେ ସନ୍ଧ୍ୟା ସମୟରେ ଜମିରେ ବତର ଥିବା ସମୟରେ ଗଛରେ ପ୍ରୟୋଗ କରାଯାଇଥାଏ ।



## ଘାସ ଲତା ଓ ବାଳୁଙ୍ଗା ନିୟନ୍ତ୍ରଣ ଓ ପରିଚାଳନା

ବର୍ଷା ଦିନେ ଚାରା ଲଗାଇବାର ୧୫-୨୦ ଦିନ ପରେ ଧାଡି ମଧ୍ୟରେ ଥିବା ଘାସ ଓ ଅନାବନା ଲଟା ହାତରେ ବା ୱୀଡର ଚଳାଇ ବଛାବଛି କରାଯାଇପାରେ । କିନ୍ତୁ ଦୁଇଟି ଗଛ ମଧ୍ୟରେ ଘାସ ଓ ଅନାବନା ଲଟା ହାତରେ ବଛା ଯାଇଥାଏ ।

ଏହା ବ୍ୟତୀତ ବେଡ୍ ଉପରେ ଜରି ମଡାଇ (ମଲଚିଙ୍ଗ୍) ଘାସ ଲତା ଦମନ କରାଯାଇପାରେ ।

ଅନ୍ୟଥା ନଡ଼ା, ଶୁଖିଲା ଡାଳ ପତ୍ର ବା ଶୁଖିଲା କଦଳୀ ପତ୍ର ବେଡ୍ ଉପରେ ଘୋଡାଇ ଘାସ ଲତା ଦମନ କରାଯାଇପାରେ ।

## ଟ୍ରେଲି ତିଆରି ଓ ଗଛ ମଡାଇବା

କାଙ୍କଡ ଡାଳ ଓ ଲତା ବା ଲହ ସିଙ୍ଗିଲ୍ ଟ୍ରେଲି ରେ ମଡାଇଲେ ଭଲ ବୃଦ୍ଧି ହୋଇଥାଏ। ଗଛରେ ସୂର୍ଯ୍ୟାଲୋକ ଭଲଭାବେ ପଡିଥାଏ ଓ ହାତରେ ପରାଗ ସଂଗମ କରିବା ସୁବିଧା ହୋଇଥାଏ । ରୋଗ ଓ ପୋକର ସମସ୍ୟା ବହୁତ ଭାବରେ କମ୍ ହୋଇଥାଏ ।

## ପରାଗ ସଂଗମ

କଙ୍କଡରେ ପ୍ରାକୃତିକ ଉପାୟରେ ପରାଗ ସଂଗମ ସଠିକ ପରିମାଣରେ ହୋଇ ନ ଥାଏ । ପ୍ରାୟ ୧୦-୧୫% ଫୁଲରେ ଫଳ ଆସିଥାଏ । ତେଣୁ ହାତରେ ପରାଗ ସଂଗମ କରାଯାଇଥାଏ । ଏଥି ପାଇଁ ୧୦ଟି ମାଈ ଚାରା ପ୍ରତି ୧ଟି ଅଣ୍ଡିରା ଚାରା ଲଗାଇବା ଜରୁରୀ । ଅଣ୍ଡିରା ଫୁଲର ରେଣୁକୁ ମାଈ ଫୁଲରେ ସକାଳ ୬-୯ଟା ମଧ୍ୟରେ ପକାଇ କୃତିମ ଉପାୟରେ ପରାଗ ସଂଗମ କରାଯାଇଥାଏ ।

## ରୋଗ ଓ ପୋକ ପରିଚାଳନା

### ପତ୍ରପୋଡା ରୋଗ

ଗଛର ପତ୍ରରେ ଛୋଟ ଛୋଟ ଦାଗ ଦେଖାଯାଏ ଯାହା ପରେ ପରେ ବଡ ବଡ ହୋଇ ବାଦାମି ଓ କଳା ରଙ୍ଗରେ ପରିବର୍ତନ ହୋଇଥାନ୍ତି । ହାଣ୍ଡି ଖତ ଓ ନିମାସ୍ତ୍ର ଗଛ ମୂଳରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ । ଡିଥେନ୍ ଏମ୍ ୪୫ ୨ଗ୍ରାମ୍/୧ ଲିଟର ପାଣି ହିସାବରେ ପ୍ରୟୋଗ କଲେ ସୁଫଳ ମିଳିଥାଏ ।



### ପାଉଡରି ମିଲଡିଉ

ପତ୍ରରେ ଧଳା ଧଳା ଗୁଣ୍ଡ ଗୋଲାକାର ଆକୃତିର ଦେଖାଯାଏ ଓ ପତ୍ରଟି କ୍ରମେ କ୍ରମେ ବାଦାମି ରଙ୍ଗ ହୋଇ ଶୁଖିଯାଏ ଓ ମରିଯାଏ । ରିଡୋମିଲ୍ ୨.୫ ମିଲି/ ଲିଟର ପାଣି ହିସାବରେ ପ୍ରୟୋଗ କଲେ ଏହା ନିୟନ୍ତ୍ରଣ ହୋଇଥାଏ । ହାଣ୍ଡିଖତ ମଧ୍ୟ ପ୍ରୟୋଗ କରାଯାଇପାରେ ।



### ମୋଜାଇକ ବା ସାହେବୀ ରୋଗ



ପତ୍ରରେ ସବୁଜ ଓ ହଳଦିଆ ଦାଗ କ୍ରମାନ୍ୱୟରେ ଦେଖାଯାଇଥାଏ । ଏହି ରୋଗ ହେଲେ ଖାଦ୍ୟ ତିଆରି

ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ଅମଳ କମି ଯାଇ ଥାଏ । ହାଣ୍ଡି ଖତ ଓ ନିମାସ୍ତ୍ର ଗଛ ପତ୍ରରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ । ଏହା ବ୍ୟତିତ ମାଲାଥିୟନ୍ ୨ମିଲି/୧ଲିଟର ପାଣି ବା ଇମିଡାକ୍ଲୋପ୍ରିଡ୍ ୪ମିଲି /୧୦ ଲିଟର ପାଣି ହିସାବରେ ମିଶାଇ ଗଛରେ ସିଂଚନ କରାଯାଇପାରେ ।

### ଲାଲ କଖାରୁ ପୋକ

ବୟସ୍କ କୀଟ ପତ୍ରକୁ ଗୋଲାକାରରେ କାଟି ଖାଇଥାଆନ୍ତି ଏବଂ ଶୂକ ପତ୍ର, କାଣ୍ଡ ଏବଂ ଫଳ ଖାଇ ଗାତ ଏବଂ କ୍ଷତି କରିଥାଏ । ନିମାସ୍ତ୍ର ଗଛ ପତ୍ରରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ। ସେଭିନ୍ ବା କାର୍ବାରିଲ୍ ୨ଗ୍ରାମ୍/୧ଲିଟର ପାଣି ହିସାବରେ ପ୍ରୟୋଗ କରାଯାଇପାରେ ।



### ଗଣ୍ଡି ବିନ୍ଧା ପୋକ

ଏହି ପୋକଟି ଡାଳ କଣା କରି ପଶି ଗଣ୍ଡି ଆଡକୁ ଆଗେଇଥାଏ । କଣା ହୋଇଥିବା ଜାଗାରେ ଅଠାଳିଆ ପଦାର୍ଥ ସବୁ ଜମା ହୋଇଥାଏ । ଛୋଟ ଅବସ୍ଥାରେ ଗଛଗୁଡିକ ମରିଯାଇଥାନ୍ତି। କିନ୍ତୁ ବୟସ୍କ ଗଛ ନ ମରିଲେ ମଧ ଫସଲର ଅମଳ କମି ଯାଇଥାଏ । ଧୂଆଁପତ୍ର ପାଣି ସିଂଚନ ମଧ କରାଯାଇଥାଏ । ଫେନଭାଲେରେଟ୍ କୀଟନାଶକ ୨ମିଲି / ୧ ଲିଟର ପାଣି ହିସାବରେ ମିଶାଇ ସିଂଚନ କରାଯାଇଥାଏ ।



### ଫଳ ମାଛି

ଏହି ମାଛିର ଶୂକ ଫଳକୁ ଖାଇ ନଷ୍ଟ କରିଦିଏ। ଏହା ଏକ ମାରାତ୍ମକ ପୋକ ଅଟେ । ଲାର୍ଭା (ମ୍ୟାଗଟ୍) ଫଳ ଭିତରେ ପଶି ଶଶ ଖାଇଯାନ୍ତି, ଯାହା ଫଳରେ ଏହା ବିକୃତ ହୋଇଯାଏ, ରେଜିନ୍ ବା ଅଠା ବାହାରିଯାଏ, ଫଳ ବଙ୍କା ଟଙ୍କା ହୋଇଯାଏ ଏବଂ ଅକାଳରେ ଝଡ଼ିଯାଏ ।
ଏକର ପ୍ରତି ୪-୫ଟି ଫେରୋମନ୍ ଯନ୍ତା ବସାଇବା ଦରକାର । ୨ମିଲି ମାଲାଥିୟନ୍ , ୧୦ଗ୍ରାମ୍ ଗୁଡ ଓ ୧ଲିଟର ପାଣି ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରି ଏଥିରୁ କିଛି ମାତ୍ରା ଚଟକା ପାତ୍ରରେ ଜମି ମଧରେ ରଖିଲେ ମାଛିଗୁଡିକ ଆକର୍ଷିତ ହୋଇ ଏହା ଖାଇ ମରି ଯାଇଥାନ୍ତି ।



### ଏପିଲାଚନା ବିଟଲ (କଙ୍କେଡିଆ ପୋକ)

ବୟସ୍କ ଏବଂ ଶୂକ ପତ୍ରର ତଳ ପାର୍ଶ୍ୱରେ ଥିବା ସବୁଜ କ୍ଲୋରୋଫିଲ୍ ଖାଇ ପତ୍ରକୁ ଜାଲି କରିଦେଇଥାନ୍ତି ।




### ପତ୍ର ସୁଡଙ୍ଗକାରୀ କୀଟ

ପତ୍ରରେ ଅଙ୍କାବଙ୍କା ଗାର ପରି ସୁଡ଼ଙ୍ଗ ସୃଷ୍ଟି କରି ପତ୍ରକୁ କୋରି ତାହା ମଧରେ ବାସ କରିଥାନ୍ତି ।





### ଜଉପୋକ

ପତ୍ର ଓ ଡାଳର ରସ ଖାଇ ଗଛକୁ ଦୁର୍ବଳ କରନ୍ତି ।



### ଫଳବିନ୍ଧା ପୋକ

ଫଳର ଶସ ବା ପଲ୍ପ ଖାଇ ଫଳକୁ ନଷ୍ଟ କରନ୍ତି।

### ଚେର ଗଣ୍ଡି ନେମାଟୋଡ୍

ଏହି ନେମାଟୋଡ୍ ଆକ୍ରମଣ କଲେ, ଚେରରେ ସବୁ ଗଣ୍ଡି ସୃଷ୍ଟି ହୋଇଥାଏ। ଗଛର୍ ବୃଦ୍ଧି କମ୍ ହୋଇଥାଏ।ଗଛର ପତ୍ର ଛୋଟ ଓ ହଳଦିଆ ହୋଇଥାଏ। ଡଙ୍କ ଗୁଡିକ ଶୁଖି ଯାଇଥାନ୍ତି । ଗଛ ଲଗାଇବା ବେଳେ ଗାତ ପ୍ରତି ୫୦୦ ଗ୍ରାମ୍ ନିମ୍ବ ପିଡିଆ ଦେଲେ, ଏହାର ପ୍ରାଦୁର୍ଭାବ କମ୍ ହୋଇଥାଏ । ଏହା ବ୍ୟତୀତ ଗାତ ପ୍ରତି ଫୁରାଡୋନ୍ ବ କାର୍ବୋଫୁରାନ୍ ଦାନା ୧୦୦ ଗ୍ରାମ୍ ଦେଇ ଗଛ ଲଗାଇଲେ ନେମାଟୋଡ୍ ଆକ୍ରମଣ କମ୍ ହୋଇଥାଏ।



### ଅମଳ

ଫଳ ଧରିବାର ୧୦-୧୫ ଦିନ ମଧରେ ଅମଳ ଅବସ୍ଥାକୁ ଆସିଯାଇଥାଏ । ପ୍ରଥମ ଅମଳ ସାଧାରଣତଃ ଅଗଷ୍ଟ ମାସର ଶେଷ ସପ୍ତାହରେ କରାଯାଇଥାଏ । ପରବର୍ତ୍ତୀ ଅମଳ ନିୟମିତ ବ୍ୟବଧାନରେ କରାଯାଏ। ଫସଲ ଅମଳ ପ୍ରଥମ ବର୍ଷ ୭୫-୮୦ ଦିନ ମଧରେ ଏବଂ ଦ୍ୱିତୀୟ ବର୍ଷରୁ ତା ପରେ ୩୫-୪୦ ଦିନ ମଧରେ ଫଳ ଅମଳ ପାଇଁ ପ୍ରସ୍ତୁତ ହୁଏ । ଗଛ ପ୍ରତି ପ୍ରାୟ ୮- ୧୨ କେଜି ଅମଳ ମିଳିଥାଏ ।

### କାଙ୍କଡ ଅମଳ ବୃଦ୍ଧି ପାଇଁ କିଛି ସୂଚନା

ଉପଯୁକ୍ତ ବାୟୁ ସଞ୍ଚାଳନ ଏବଂ ସୂର୍ଯ୍ୟାଲୋକ ପାଇଁ ଗଛଗୁଡ଼ିକ ମଧରେ ସର୍ବୋତ୍ତମ ବ୍ୟବଧାନ ସୁନିଶ୍ଚିତ କରନ୍ତୁ ।

ମାଈ ଗଛ ଓ ଅଣ୍ଡିରା ଗଛର ଅନୁପାତ ୧୦: ୧ ରଖନ୍ତୁ । ଅର୍ଥାତ ୧୦ଟି ମାଈ ଗଛରେ ୧ଟି ଅଣ୍ଡିରା ଗଛ ଲଗାନ୍ତୁ ।

କୃତ୍ରିମ ପରାଗ ସଂଗମ କରନ୍ତୁ । ଅର୍ଥାତ ଅଣ୍ଡିରା ଫୁଲର ରେଣୁକୁ ମାଈ ଫୁଲରେ ସକାଳେ ଖରା ଟାଣ ହେବା ପୂର୍ବରୁ ପକାନ୍ତୁ ।

ଟ୍ରେଲିରେ ଗଛ ଗୁଡିକୁ ମଡାନ୍ତୁ । ମାଟିରେ ମଡାନ୍ତୁ ନାହିଁ ।

ଅଣୁ ସାରର ପ୍ରୟୋଗ କରନ୍ତୁ ।

ଜମିରେ ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ ।

ବର୍ଷା ଦିନେ ପାଣିର ନିଷ୍କାସନର ବ୍ୟବସ୍ଥା କରନ୍ତୁ ।

ଜରି ବା ଶୁଖିଲା ଘାସ କୁଟା ଦ୍ୱାରା ମଲଚିଙ୍ଗ ବା ଆଚ୍ଛାଦନ କରନ୍ତୁ ।



ପରାଗ ସଂଗମ ପାଇଁ କିଭଳି ଅଧିକ ମହୁମାଛି, ଭଅଁର ସବୁ ଆସିପାରିବେ, ତାହାର ବ୍ୟବସ୍ଥା କରିବା ଉଚିତ ।

ସମନ୍ୱିତ କୀଟପତଙ୍ଗ ପରିଚାଳନା କୌଶଳ ପ୍ରୟୋଗ କରି ନିୟମିତ ଭାବରେ କୀଟପତଙ୍ଗ ନିରୀକ୍ଷଣ ଏବଂ ପରିଚାଳନା କରନ୍ତୁ ।

# ଉନ୍ନତ ପ୍ରଣାଳୀରେ କାଙ୍କଡ ଚାଷ











ହାଉସିଂ ବୋର୍ଡ କୋଲନୀ, ପୋ/ଜିଲ୍ଲା-ରାୟଗଡା, ଓଡିଶା
ପିନ୍- ୭୬୫୦୦୧
ଫୋନ୍ ନଂ.- ୦୬୮୫୬-୩୫୯୮୩୮

e-mail-shaktiorg@gmail.com,
www.shaktiorg.com
http://shaktiorg.blogspot.in